# OFFICE OF THE TAHASILDAR: ROURKELA

Telephone No.0661-2514024 E mail: tah.rourk-od@nic.in

Letter No......1427...... Date.....18.-5-2020.

To,

The Collector, Sundargarh
The Additional District magistrate, Sundargarh
The Sub Collector, Panposh
The DIO,NIC, Sundargarh
Municipal Corporation, Rourkela
All Revenue Inspectors of Rourkela Tahasil

Sub: Wide publication of Auction of Brahmani River fishery Ghat

Ref: This office Adv.No.

Sir/ Madam,

With reference to the subject cited above, I am to enclose herewith the Advertisement of auction of Brahmani River fishery Ghat for the Financial year.2020-21 under the jurisdiction of Rourkela Tahasil with a request to display the same in your notice board for wide circulation/Publication for general public to take part in the bidding process.

Yours faithfully

18/5

Tahasildar, Rourkela

# ତହସିଲଦାର ଙ୍କ କାର୍ଯ୍ୟାଳୟ ,ରାଉରକେଲା

## ବ୍ରାହ୍ମଣୀ ନଦୀ ମାଛ ଘାଟ ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା : ୧୪୨୧ ତାରିଖ: ୧୮.୫.୨୦

ଏତଦ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧିନସ୍ଥ ରାଉରକେଲା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ମାଛ ଘାଟ ସଇରାତ ରୁ ନିମ୍ନ ସାରଣୀ ରେ ଉଲ୍ଲିଖିତ ଆସନ୍ତା (ତିନି ) ବର୍ଷ ନିମନ୍ତେ ତହସିଲଦାର ରାଉରକେଲା ଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ତହସିଲ ଏକାଉଣ୍ଟ ମାନୁଆଲ ଅନୁଯାୟୀ ନିମ୍ନ ଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଯଉମୁଦ ଦିଆ ଲଫଫା ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟ ରେ ଥିବା ଟେଣ୍ଡର ବାକ୍ସ ରେ ତା :୧୭/୦୬ /୨୦୨୦ ରିଖ ଦିବା ୧୨ ଘଟିକା ସୁଦ୍ଧା ପକାଯିବା ଧାର୍ଯ୍ୟ କରାଯାଇଛି । ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଉକ୍ତ ଦିନ ଅପରାହ୍ନ ଦିବା ୧୨.୧୫ ଘଟିକା ସମୟରେ ଉକ୍ତ ଟେଣ୍ଡର ବାକ୍ସ ତହସିଲ କାର୍ଯ୍ୟାଳୟ ରେ ଖୋଲାଯାଇ ,ଲିଜ ଦାଖଲ କାରୀ ଓ ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ,ଦରଖାସ୍ତ ଗୁଡିକ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖରେ ଲିଜ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା ; ୨୦/୦୬/୨୦୨୦ ରିଖ ଓ ଦ୍ୱିତୀୟ ଥର ପାଇଁ ଲିଜ ହୋଇ ନ ପାରିଲେ ତୃତୀୟ ଥର ପାଇଁ ତା: ୨୪/୦୬/୨୦୨୦ ରିଖ ରେ ଉପରୋକ୍ତ ମତେ ଦରଖାସ୍ତ ଗ୍ରହଣ କରାଯିବ ।

ଚଳିତ ବର୍ଷ ନିମନ୍ତେ ସର୍ବୋଚ୍ଚ ନିଲାମ ଅନୁଯାଇ ଅବଦିତ ମୂଲ୍ୟ ପଇଠ କରିବେ ଓ ପରବର୍ତୀ ଦୁଇ ବର୍ଷ ସର୍ବୋଚ୍ଚ ନିଲାମ ମୂଲ୍ୟର ୧୦ % ପୋନଃ ପୌନିକ ବୃଦ୍ଧି ହୋଇ ଦେୟ ଧାର୍ଯ୍ୟ ହେବ । ଚଳିତ ବର୍ଷ ନିମନ୍ତେ ଦେୟ ସର୍ତ୍ତାବଳୀ କ୍ର ନଂ - ୫ ଅନୁଯାୟୀ ୨୦୨୦-୨୧ ର ଦେୟ ପଇଠ କରିବେ । ଏଥିରେ ତ୍ରୁଟି ପକ୍ଷେ ନିଲାମ ସ୍ୱୟଂ କ୍ରିୟ ଭାବେ ବାତିଲ ହେବା ସହ ଏଥି ସହିତ ଦାଖଲ ହୋଇଥିବା ସମସ୍ତ ଅର୍ଥ ଓ ଅମାନତ ରାଶି କୁ ବାଜ୍ୟାପ୍ତ କରାଯିବ ।

ସର୍ବୋଚ୍ଚ ନିଲାମ ଧାରୀ ମାଛ ଧରିବା ନିମନ୍ତେ ଆଇନ ଅନୁଯାଇ ପଞ୍ଜୀକୃତ ଡଙ୍ଗା ବ୍ୟବହାର କରିବା ସହ ସମସ୍ତ ପ୍ରକାର ର ସୁରକ୍ଷା ଉପକରଣ ରଖିବେ ଓ ଏହି କାର୍ଯ୍ୟରେ ନିୟୋଜିତ ସମସ୍ତ ବ୍ୟକ୍ତି ଙ୍କ ପାଇଁ ଆବଶ୍ୟକୀୟ ବୀମା ବ୍ୟବସ୍ଥା କରିବେ । ପରିବେଶ ପ୍ରଦୂଷଣ ରୁ ବିରତ ରହିବା ସହ ଆବଶ୍ୟକ ସ୍ଥଳେ ପ୍ରାଧିକୃତ ଅଧିକାରୀ ଙ୍କ ଠାରୁ ମଞ୍ଜୁରୀ ମଧ ନେବେ । ନଦୀ ଶଯ୍ୟା ,ପୋଲ ,ବନ୍ଧ ଇତ୍ୟାଦି ର ସୁରକ୍ଷା ପ୍ରତି ଧାନ ଦେବା ସହ ଏଠି ସମ୍ବନ୍ଧୀୟ କୌଣସି ପ୍ରକାର ର ଅଭିଯୋଗ ଗ୍ରହଣ ଯୋଗ୍ୟ ନୁହେଁ ।

୧ - ଦରଖାସ୍ତ ଫି ସକାଶେ ଟ ୧୦୦.୦୦ (ଏକ ସହ ଟଙ୍କା ) ର ଟ୍ରେଜେରୀ ଚାଲାଣ ।

୨ - ଆବେଦନକାରୀ ଙ୍କ ଦ୍ୱାରା କୌଣସି ସରକାରୀ ଦେୟ ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

୩- ଦରଖାସ୍ତକାରୀ ଧାର୍ଯ୍ୟ ହୋଇଥିବା ବଇନା ରାଶି (Earnest money) ଜମାକାରୀ ଏହାର ନିଦର୍ଶନ ସ୍ୱରୂପ ରସିଦ ଦାଖଲ କରିବେ ।

୪- ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ ଦକ୍ଷତା ଆର୍ଥିକ ସ୍ଥିତି ଯନ୍ତ୍ରପାତି ଇତ୍ୟାଦି ର ବିବରଣୀ ଦାଖଲ କରିବେ ।

ବ୍ରାହ୍ମଣୀ ନଦୀ ମାଛ ଘାଟ ସୈରାତ ଉତ୍ସ ର ବିବରଣୀ

| କ୍ର ନଂ | ସୈରାତ ଉତ୍ସ ର ନାମ | ନିର୍ଧାରିତ ନିଲାମ ମୂଲ୍ୟ | ଅମାନତ ଟଙ୍କା ମୂଲ୍ୟ | କେଉଁ ତାରିଖ ରୁ ନୂତନ ଲିଜ ଲାଗୁ ହେବ | ମନ୍ତବ୍ୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ବ୍ରାହ୍ମଣୀ ନଦୀ ମାଛ ଘାଟ (ତରକେରା ବାଲୁଘାଟ ସ୍ଥିତ) | ୩,୧୦,୧୧୧.୦୦ | ୩୧୦୧୧.୦୦ | ୨୦୨୦-୨୧ | |

ସର୍ତ୍ତାବଳୀ

୧ - ସର୍ବୋଚ୍ଚ  ନିଲାମ ଧାରୀ ତହସିଲ ଏକାଉଣ୍ଟ ମାନୁଆଲ ଏବଂ ତତ ସଂଲଗ୍ନ ସମସ୍ତ ସରକରୀ ଓ ଅଦାଲତୀୟ ଆଦେଶ ମଣିବାକୁ ବାଧ  ହେବେ । ସର୍ବୋଚ୍ଚ ନୀଲାମଧାରୀ ମାଛ ଘାଟ ନିଲାମ ଓ ମାଛ ଧରା କାର୍ଯ୍ୟ ନିମନ୍ତେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମସ୍ତ ନୀତି ନିୟମ ମନି ଚଳିବାକୁ ବାଧ ହେବେ ।

୨- ଆବେଦନକାରୀ ଲିଜ ପାଇଁ ଉଦ୍ଧିଷ୍ଟ ନିଲାମ ରେ ଭାଗ ନେବା ପୂର୍ବ ରୁ ପରିଦର୍ଶନକାରୀ ସୈରାତ ପରିଚାଳନା ପାଇଁ ଗମନ ଗମନ ସୁବିଧା ,ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମନ୍ତେ ଉଦ୍ଧିଷ୍ଟ ନିଲାମ ରେ ଅଂଶ ଗ୍ରହଣ କରିବେ ।

୩- ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ  କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪- ଲିଜ ଦିଆ ଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫- ଲିଜ ରେ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା  ଏବଂ ସର୍ବାଧିକ ନିଲାମ ମୂଲ୍ୟ ଆବେଦନ କରିଥିବା ଆବେଦନ କାରୀ ଙ୍କୁ ଲିଜ ଦିଆ ନିମନ୍ତେ ନିଲାମ ର ସାତ  ଦିନ ମଧ୍ୟରେ ଜଣାଇ ଦିଆ ଯିବ । ଲିଜ ଧାରୀ ଙ୍କୁ ଜଣାଇବାର ସତ ଦିନ ମଧ୍ୟରେ ସେ ନିଜର ସ୍ୱୀକୃତି  ପ୍ରଦାନ କରିବା ସହ ନିଜେ ଦାଖଲ କରିଥିବା ନିଲାମ ଡାକ ଅନୁଯାୟୀ ସମସ୍ତ ଦେୟ ଦାଖଲ କରିବେ, ସେ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (earnest money) କୁ ଅମାନତ ରାଶି ଭାବରେ ରଖାଯିବ । ଏହି ଅମାନତ ରାଶି  ବିନା ସୁଧା(interest free) ଭାବରେ ରଖାଯିବ

୬-ସର୍ବୋଚ୍ଚ ନିଲାମ ଧାରୀ ସମସ୍ତ ଦେୟ ଜମା କରିବା ପରେ ଆବଶ୍ୟକୀୟ ସମସ୍ତ ନିକାସ (clearance) ଆଣିବା ସହ ଫାରମ ଢ ( from N ) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚ ରେ ଏହାକୁ ରେଜିଷ୍ଟ୍ରେସନ କରିବେ ।

୭- ଲିଜ ଧାରୀ ଦାଖଲ କରୁଥିବା ସମସ୍ତ ଦେୟ ର ୨% ଆୟକର (TCS) ବାବଦ କୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ ବହନ କରିବେ ।

୮- ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀ ଏହାକୁ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

୯-ଉପରୋକ୍ତ ସମସ୍ତ ସର୍ତ୍ତାବଳି ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବ ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସ ରୁ ମାଛ ମାରି ପାରିବେ ନାହିଁ ।

୧୦- ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟା ନ୍ୟ କାଗଜାତ ଅତ୍ର କାର୍ଯ୍ୟାଳୟ ରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖି ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ ବିବରଣୀ ଜିଲ୍ଲା ୱେବସାଇଟ (www. sundargarh. nic. co. in) ରେ ମଧ ଦେଖି ପାରିବେ ।

୧୧ - ଉପରୋକ୍ତ ସର୍ତ୍ତାବଳୀ ରେ ଖିଲାଫ ହେଲେ ବା କୌଣସି କ୍ଷମତା ପ୍ରାପ୍ତ ଅଦାଲତ ଓ ଅଧିକାରୀ ଙ୍କ ଆଦେଶ ରେ ଖିଲାଫ ହେଲେ ସ୍ୱୟଂ କ୍ରିୟ ଭାବରେ ନିଷ୍କ୍ରିୟ ହେବ ।

୧୨- ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ମାନସ ରଞ୍ଜନ ସାହୁ
ତହସିଲଦାର , ରାଉରକେଲା

ଜ୍ଞାପକ ସଂ- ୧୪୨୨ ତା: ୧୮. ୫.୨୦

ଏହାର ଏକ କୀଟ ନକଲ ଓ ଫାରମ -ଡ (form-M )ର କପି ସହ ତହସିଲଦାର ରାଉରକେଲା ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ଜିଲ୍ଲାପାଳ ସୁନ୍ଦରଗଡ଼ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା /ଉପ ଜିଲ୍ଲାପାଳ ପାନପୋଷ /ମହାନଗର ନିଗମ ,ରାଉରକେଲା /ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନୀରୀକ୍ଷକ ଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ସମ୍ପୃକ୍ତ ମୌଜା ରେ ସର୍ବସାଧାରଣ ଙ୍କ ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣ କରାଗଲା ।

ମାନସ ରଞ୍ଜନ ସାହୁ
ତହସିଲଦାର, ରାଉରକେଲା

ଜ୍ଞାପକ ସଂ- ୧୪୨୩ ତା : ୧୮. ୫.୨୦

ଏହାର ଏକକିତା ନକଲ ଓ ଫାରମ –ଡ (Form –M )ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ,ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବ ସହ ତାଙ୍କୁ ଅନୁରୋଧ କର ଯାଉଅଛି କି ଏହି ବିଜ୍ଞପ୍ତି କୁ ସେ ଜିଲ୍ଲା ୱେବସାଇଟ ରେ (www. Sundargarh.nic. co.in ) ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ହେବେ ।

ମାନସ ରଞ୍ଜନ ସାହୁ
ତହସିଲଦାର ,ରାଉରକେଲା

# ତହସିଲଦାର ଙ୍କ କାର୍ଯ୍ୟାଳୟ ,ରାଉରକେଲା

## ବ୍ରାହ୍ମଣୀ ନଦୀ ମାଛ ଘାଟ ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୧୪୭୪ ତାରିଖ ୧୮.୫.୨୦

ଏତଦ ଦ୍ଵାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ଅତ୍ର ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ମାଛ ଘାଟ (ତରକେରା ବାଲୁଘାଟ ସ୍ଥିତ ) କୁ ୩ ବର୍ଷିଆ ଲିଜ ସୂତ୍ରରେ ଦେବାପାଇଁ ତା ୧୭/୦୬/୨୦୨୦ ଦିବା ୧୨-୧୫ ଘଟିକା ସମୟରେ ନିଲାମ କରାଯିବ । ଯଦି ଏହା ପ୍ରଥମ ଥର ପାଇଁ ତା ୧୭/୦୬/୨୦୨୦ ରେ ନିଲାମ ନ ହେଇ ପାରିଲେ ଦ୍ଵିତୀୟ ଓ ତୃତୀୟ ଥର ନିଲାମ ଯଥାକ୍ରମେ ୨୦/୦୬/୨୦୨୦ ଓ ୨୪/୦୬/୨୦୨୦ ରେ କରାଯିବ । ଏହାର ବିସ୍ତୃତ ନିଲାମ ଇସ୍ତାହାର ଏହି କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୧୪୭୨ /ତା ୧୮.୫.୨୦ ରେ ପ୍ରକାଶ ପାଇଅଛି । ଏହା ତହସିଲଦାର,ରାଉରକେଲା ଙ୍କ କାର୍ଯ୍ୟାଳୟ/ଜିଲ୍ଲାପାଳ ସୁନ୍ଦରଗଡ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା /ଉପ ଜିଲ୍ଲାପାଳ ,ପାନପୋଷ,ରାଉରକେଲା /ମହାନଗର ନିଗମ,ରାଉରକେଲା /ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ଵ ନିରିକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଓ ଜିଲ୍ଲା ୱେବ ସାଇଟ(www. Sundargarh.nic. co.in ) ରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି ବିଶେଷ ନିଲାମ ରେ ଅଂଶ ଗ୍ରହଣ କରିବାକୁ ଜଣାଇ ଦିଆଯାଉଅଛି ।

ମାନସ ରଞ୍ଜନ ସାହୁ
ତହସିଲଦାର ,ରାଉରକେଲା

ଜ୍ଞାପକ ସଂଖ୍ୟା ୧୪୭୫ ତା : ୧୮.୫.୨୦

ଏହାର ଏକ କିତା ନକଲ ତହସିଲଦାର,ରାଉରକେଲା ଙ୍କ କାର୍ଯ୍ୟାଳୟ/ଜିଲ୍ଲାପାଳ ସୁନ୍ଦରଗଡ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା /ଉପ ଜିଲ୍ଲାପାଳ ,ପାନପୋଷ,ରାଉରକେଲା /ମହାନଗର ନିଗମ,ରାଉରକେଲା /ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ଵ ନିରିକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକ କିତା ଲେଖାଏଁ ନକଲ ସମ୍ପୃକ୍ତ ମୌଜାରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା

ମାନସ ରଞ୍ଜନ ସାହୁ
ତହସିଲଦାର ,ରାଉରକେଲା

ଜ୍ଞାପକ ସଂଖ୍ୟା ୧୪୭୬ ତା : ୧୮.୫.୨୦

ଏହାର ଏକ କିତା ନକଲ ଓ ଫରମ-ଡ (Form-M)ରା କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ,ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କର ଯାଉ ଅଛି କି ଏହି ବିଜ୍ଞପ୍ତି କୁ ଜିଲ୍ଲା ୱେବ ସାଇଟ (www. Sundargarh.nic. co.in )ରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ହେବେ ।

ମାନସ ରଞ୍ଜନ ସାହୁ
ତହସିଲଦାର ,ରାଉରକେଲା